भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ ଆୟୋଜିତ ଉଦ୍ୟୋଗୀ ଏବଂ ଗ୍ରାମୀଣ ବିକାଶ ସମ୍ମିଳନୀ ଉଦଯାପିତ
# ୧୦୦୦ ଏନଏସସ ଛାତ୍ରଛାତ୍ରୀଙ୍କ ଉଦ୍ୟମିତା ନିମନ୍ତେ ଶପଥ ଗ୍ରହଣ

**ଭୁବନେଶ୍ୱର, ୧୨ ମାର୍ଚ୍ଚ ୨୦୨୪:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରରେ ଆୟୋଜିତ ଦୁଇ ଦିନିଆ ଉଦ୍ୟୋଗୀ ଏବଂ ଗ୍ରାମୀଣ ବିକାଶ କନକ୍ଲେଭ ୨୦୨୪ ଆଜି ଶେଷ ହୋଇଛି। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟ, ଆଇଆଇଟି ରୋପର ଏବଂ ଇଆରଡିସିର ମିଳିତ ସହଯୋଗରେ ସଂଗଠିତ ଏହି ସମ୍ମିଳନୀରେ ବକ୍ତାମାନେ ଦେଶର ଯୁବକମାନଙ୍କ ମଧ୍ୟରେ ଉଦ୍ୟୋଗୀତା ଏବଂ ଗ୍ରାମୀଣ ବିକାଶର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମାପ୍ତ ସମାରୋହରେ, ବିଭିନ୍ନ ବୃତ୍ତିଗତ ଏବଂ ବୈଷୟିକ ଅନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟର ୧୦୦୦ ଏନଏସସ ଛାତ୍ରଛାତ୍ରୀ ଚାକିରି ସନ୍ଧାନକାରୀ ହେବା ପରିବର୍ତ୍ତେ ଚାକିରି ସୃଷ୍ଟିକର୍ତ୍ତା ହେବାର ଶପଥ ଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଛାତ୍ରଛାତ୍ରୀଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ଏକ ଉଦ୍ୟୋଗୀ ମାନସିକତାର ଉପାଦାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ଯେପରିକି ଅର୍ଥ, ସକ୍ରିୟପଦକ୍ଷେପ, ଯୋଗାଯୋଗ ଏବଂ ସମସ୍ୟାର ସମାଧାନ ଆଦି, ଯାହା ବିଦ୍ୟାଳୟ ସ୍ତରରୁ ବିକାଶ ହେବା ଆବଶ୍ୟକ। ଅନୁସନ୍ଧାନ ଏବଂ ଉଦ୍ୟୋଗୀ ମାନସିକତା ମଧ୍ୟରେ ସମାନତା ଏବଂ ପାର୍ଥକ୍ୟକୁ ସେ ଦର୍ଶାଇଥିଲେ। ସେ ଅର୍ଥର ମୂଲ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ବିଦ୍ୟୁତ୍ ଉତ୍ପାଦନର ଉଦାହରଣ ସହ ଧନ ଓ ସାଧନ କିପରି ସୃଷ୍ଟି ହୁଏ ସେ ବିଷୟରେ ଛାତ୍ରମାନଙ୍କୁ ଜାଣିବାକୁ ପରାମର୍ଶ ଦେଇଥିଲେ। ଉଦ୍ୟୋଗୀ ହେବାର ପ୍ରାରମ୍ଭ ଭାବରେ ସେମାନଙ୍କୁ ଅର୍ଥ ଏବଂ ସମୟର ହିସାବ ରଖିବା ଆରମ୍ଭ କରିବାକୁ ସେ ସେମାନଙ୍କୁ କହିଥିଲେ। ସେ ଇଣ୍ଟରନେଟରେ ଉପଲବ୍ଧ ଉଦ୍ୟୋଗୀତା ଉପରେ ଭିଡିଓ ସହିତ ଛାତ୍ରମାନଙ୍କୁ ମଧ୍ୟ ପରିଚିତ କରାଇଥିଲେ।

ଜାତୀୟ ମୁଖ୍ୟ ଶ୍ରୀ ଚେତନ ସାହୋର ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ବେକାରୀ ସମସ୍ୟା ସମାଧାନ ହେଉଛି ଉଦ୍ୟୋଗୀତା। ଉଦ୍ୟୋଗୀକରଣର ପରିସର ବଢାଇବା ପାଇଁ କେନ୍ଦ୍ର ସରକାରଙ୍କ ରାଜ୍ୟ ସରକାର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ କିପରି କାର୍ଯ୍ୟ କରୁଛନ୍ତି ସେ ବିଷୟରେ ସେ ଉଲ୍ଲେଖ କରିଥିଲେ। ଗ୍ରାମାଞ୍ଚଳ ଭାରତ ତଥା ସେମାନଙ୍କ ଆଖପାଖ ସମ୍ପ୍ରଦାୟର ସମସ୍ୟାର ସମାଧାନ ପାଇଁ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଇକୋସିଷ୍ଟମ ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ମିଶନରେ ବିଦ୍ୟାଳୟ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ସମସ୍ତ ସ୍ତରରେ ସରକାରୀ ଅନୁଷ୍ଠାନକୁ ଏକାଠି ହେବାକୁ ସେ ଅନୁରୋଧ କରିଥିଲେ।

ଏହି ଅବସରରେ ଭାଷଣ ଦେଇ ଶ୍ରୀମତୀ ସରିତା ପଟେଲ, ଆଞ୍ଚଳିକ ନିର୍ଦ୍ଦେଶକ, ଏନଏସଏସ, ଭାରତର ସାମାଜିକ ମୂଲ୍ୟବୋଧ ଉପରେ ଧ୍ୟାନ ଦେଇଥିଲେ, ଯାହା ଆର୍ଥିକ ଅଭିବୃଦ୍ଧି ମାଧ୍ୟମରେ ପ୍ରକୃତ ବିକାଶ ହାସଲ କରିବାକୁ ପୁନର୍ଜୀବିତ ହେବା ଆବଶ୍ୟକ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଇଜିଗଭ୍ ଏବଂ ଏମ୍ପାୱାର୍ ପଞ୍ଚାୟତର ପ୍ରତିଷ୍ଠାତା ଶ୍ରୀ ଅମିତ ଶୁକ୍ଲା ଏକ ଭଲ ଉତ୍ପାଦ ସୃଷ୍ଟି କରିବା ଏବଂ ଏହାକୁ ଉଦ୍ୟୋଗର ଆଧାର ଭାବରେ ବଜାରରେ ବିକ୍ରୟ କରିବାର କୌଶଳ ବିକାଶର ମହତ୍ତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ଗ୍ରାମୀଣ ଉଦ୍ୟୋଗୀତା ଉପରେ ଇଆରଡିସିର ଜାତୀୟ ପରାମର୍ଶଦାତା ବୋର୍ଡ ପକ୍ଷରୁ ଶ୍ରୀ ଦୟାନିଧି ଉର୍ମାଲିଆ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଗ୍ରାମୀଣ ବିକାଶର ଆବଶ୍ୟକତା ଉପରେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ପାର୍କର ସିଇଓ ଡାକ୍ତର ଶୁଭଙ୍କର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇଆଇଟି ଭୁବନେଶ୍ୱରର ଏନଏସସ ସଂଯୋଜକ ପ୍ରଫେସର ଶିବାୟା ବାଥୁଲା ଧନ୍ୟବାଦ ଜ୍ଞାପନ କରିଥିଲେ। ଇଆରଡିସିର ଜାତୀୟ ସଂଯୋଜକ ଡକ୍ଟର ନିଧି ଗୌତମ ପ୍ରଭାକର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

------------------